# NATIONAL NEWS BULLETIN (ODIA)

**7 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗୁଜରାଟ ଓ ମହାରାଷ୍ଟ୍ର ଗସ୍ତରେ ଯାଇ ଆସନ୍ତାକାଲି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀ ସତ୍ୟ ନିକେତନ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣାରେ ୬ ଜଣଙ୍କ ମୃତ୍ୟୁ, ଅନ୍ୟ ୬ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

- ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୪୫କୁ ବୃଦ୍ଧି

ଏବଂ

- ଇଷ୍ଟ ବେଙ୍ଗଲ ଫୁଟବଲ କ୍ଲବ୍‌କୁ ପ୍ରେସିଡେଣ୍ଟ କପ୍ ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

---

## ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗୁଜରାଟ ଏବଂ ମହାରାଷ୍ଟ୍ର ଗସ୍ତରେ ଯିବେ । ଭଦୋଦରାଠାରେ ପ୍ରଧାନମନ୍ତ୍ରୀ ୩୫ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ ଓ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ପଶ୍ଚିମାଞ୍ଚଳ ସମର୍ପିତ ମାଲ୍ ପରିବହନ କରିଡରର ୩ଟି ଗୁରୁତ୍ୱପୂର୍ଣ୍ଣ ଭାଗକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ଏଥିରେ ୨୦ ହଜାର ୭ଶହ କୋଟି ଟଙ୍କା ବ୍ୟୟରେ ୩୨୬ କିଲୋମିଟର ଦୀର୍ଘ ମାର୍ଗର ବିକାଶ କରାଯାଇଛି । ପ୍ରଧାନମନ୍ତ୍ରୀ ମଧ୍ୟ ନୂଆସାନନ୍ଦ, ନୂଆମକରପୁରା, ନୂଆ ଉମ୍ବରଗାଓଁ ଏବଂ ନୂଆ ଜେଏନ୍‌ପିଟିରୁ ମାଲ୍ ପରିବହନ ଟ୍ରେନ୍‌ର ଶୁଭାରମ୍ଭ କରିବେ ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଭଦୋଦରା ଓ ତଣ୍ଡାରୋଡ ମଧ୍ୟରେ ନୂଆ ରେଳସେବାର ଶୁଭାରମ୍ଭ କରିବେ । ଏହା ଦ୍ୱାରା ଭଦୋଦରା, ଛୋଟଉଦେପୁର ଓ ଅଲୀରାଜପୁର ଜିଲ୍ଲା ମଧ୍ୟରେ ଯାତ୍ରୀମାନଙ୍କ ଗମନାଗମନ ସହଜ ହୋଇପାରିବ । ପ୍ରଧାନମନ୍ତ୍ରୀ ଜୋବାଟ୍-ତଣ୍ଡାରୋଡ ନୂଆ ରେଳଲାଇନ୍‌ର ମଧ୍ୟ ଆସନ୍ତାକାଲି ଉଦ୍‌ଘାଟନ କରିବେ । ଏହା ବ୍ୟତୀତ ୯ ହଜାର ୭୦୦ କୋଟି ଟଙ୍କା ସମ୍ବଳିତ ୩ଟି ନୂଆ ରେଳ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୧ ହଜାର ୭୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୩ଟି ଜାତୀୟ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଗୁଜରାଟ ଗସ୍ତ ଅବସରରେ ଶ୍ରୀ ମୋଦୀ ୨ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଶ୍ରୀ ମୋଦୀ ଏକ ଜନସମାବେଶକୁ ଉଦ୍‌ବୋଧନର ଦେବାର କାର୍ଯ୍ୟସୂଚୀ ରହିଛି ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ଗସ୍ତ କରି ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬କୁ ମୁମ୍ବାଇଠାରେ ଉଦ୍‌ଘାଟନ କରିବା ସହ ଉଦ୍‌ବୋଧନ ଦେବେ । ଚଳିତବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ବିଶ୍ୱସ୍ତରୀୟ

ଅନ୍ତର୍ଭୁକ୍ତିମୂଳକ ଅର୍ଥ ବ୍ୟବସ୍ଥା ପାଇଁ ଏଜେଣ୍ଟିକ୍ ଏ.ଆଇ., ଟୋକନାଇଜେସନ ଓ କ୍ୱାଣ୍ଟମ୍‌ର ସମ୍ଭାବନା" ।

---

## ରେଖାଗୁପ୍ତା-ସତ୍ୟ ନିକେତନ

ନୂଆଦିଲ୍ଲୀର ସତ୍ୟନିକେତନ ଅଞ୍ଚଳରେ ଗତକାଲି ଏକ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସଂପୃକ୍ତ ଅଞ୍ଚଳ ପରିଦର୍ଶନ କରି ସୁରକ୍ଷା ପଦକ୍ଷେପ ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ଭୁଶୁଡ଼ିପଡ଼ିଥିବା କୋଠାର ୮୦ ପ୍ରତିଶତ ଭଙ୍ଗାରୁଜା ଅଂଶ ଘଟଣାସ୍ଥଳରୁ ଅପସାରଣ କରାଯାଇ ସାରିଛି । ଉଦ୍ଧାର କରାଯାଇଥିବା ୧୨ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ।

**V/O (Rekha Gupta)**

ଗତକାଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଅଞ୍ଚଳ ଗସ୍ତ କରି ସରକାର ପ୍ରଭାବିତ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଯୋଗାଯୋଗରେ ରହିଥିବା କହିଥିଲେ । ଆଜି ଘଟଣାସ୍ଥଳ ପରିଦର୍ଶନ ପରେ ଶ୍ରୀମତୀ ଗୁପ୍ତା କହିଛନ୍ତି, ସଂପୃକ୍ତ କୋଠାର ମାଲିକଙ୍କ ଅବହେଳା ଯୋଗୁଁ ଏଭଳି ଦୁଃଖଦ ଘଟଣା ଘଟିଛି । ଘର ମାଲିକଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଦିଲ୍ଲୀରେ ଥିବା ଅନ୍ୟ କୋଠାଗୁଡ଼ିକୁ ଖୁବ୍‌ଶୀଘ୍ର ଯାଞ୍ଚ କରାଯାଇ ବିପଦସଂକୁଳ ଅବସ୍ଥାରେ ଥିବା କୋଠାଗୁଡ଼ିକୁ ଭାଙ୍ଗିବା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । **V/O (Rekha Gupta on Action)**

ଘଟଣାରେ ଯେଉଁ ଅଧିକାରୀଙ୍କ ଅବହେଳା ରହିଥିବା ଜଣାପଡ଼ିବ, ସେମାନଙ୍କୁ ମଧ୍ୟ ଚାକିରିରୁ ବହିଷ୍କାର କରାଯିବା ସହ ଦଣ୍ଡବିଧାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଇତିମଧ୍ୟରେ ସଂପୃକ୍ତ କୋଠାର ମାଲିକଙ୍କ ବିରୁଦ୍ଧରେ ଏତଲା ପଞ୍ଜୀକୃତ ହୋଇଛି । ଏଥିସହିତ ଦିଲ୍ଲୀରେ ବେନିୟମ ଭାବେ ନିର୍ମିତ ୫ ମହଲା ବିଶିଷ୍ଟ କୋଠାଗୁଡ଼ିକୁ ତୁରନ୍ତ ସିଲ୍ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଗୋଆ ପୋଲିସ୍ କଲର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୋଆ ଗସ୍ତର ଶେଷଦିନରେ ଗୋଆ ପୋଲିସ୍‌କୁ ମର୍ଯ୍ୟାଦାଜନକ ରାଷ୍ଟ୍ରପତି ପୋଲିସ୍ କଲର୍ ପ୍ରଦାନ କରିବେ । ତଲେଇଗାଓଁ ସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଏକ ସ୍ୱତନ୍ତ୍ର ସମାରୋହରେ ମନ୍ତ୍ରୀ ଶ୍ରୀ ଶାହା ଏହି ସମ୍ମାନ ପ୍ରଦାନ କରିବେ । ପୋଲିସ୍ ବାହିନୀର ଅଦମ୍ୟ ଆତ୍ମବଳ ଏବଂ ପ୍ରଚେଷ୍ଟାକୁ ସମ୍ମାନ ପ୍ରଦାନ ପୂର୍ବକ ରାଷ୍ଟ୍ରପତିଙ୍କ ପୋଲିସ୍ କଲର୍ ପ୍ରଦାନ କରାଯାଇଥାଏ । ଏହି ସମାରୋହ ପୂର୍ବରୁ ମନ୍ତ୍ରୀ ଶ୍ରୀ ଶାହା ଜୋନାଲ୍ ପରିଷଦ ବୈଠକରେ ଯୋଗଦେଇ ଆଞ୍ଚଳିକ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ନେପାଳ ଫ୍ଲଡ୍

ନେପାଳ-ତିବ୍ବତ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୫୫କୁ ବୃଦ୍ଧି ପାଇଥିବା ନେପାଳ ଜାତୀୟ ବିପର୍ଯ୍ୟୟ ହ୍ରାସ ଓ ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଚିତଓ୍ୱନ ଜିଲ୍ଲାରେ ସର୍ବାଧିକ ୩୬୩ ଜଣଙ୍କ ମୃତ୍ୟୁ

ହୋଇଥିବା ବେଳେ ପୂର୍ବ ନାୱଲପାରସୀରେ ୨୨୨, ପଶ୍ଚିମ ନାୱଲପାରସୀରେ ୨୨୧ ଏବଂ ରସୁୱା ରେ ଶହେ ଅଣସ୍ତରୀ ଜଣଙ୍କ ମୃତ୍ୟୁ ଘଟିଛି । ସୁରକ୍ଷା ସଂସ୍ଥାଗୁଡ଼ିକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବିଶେଷକରି ଭୋଟେକୋଷୀ ଓ ତ୍ରିଶୂଳୀ ନଦୀ କରିଡର ଅଞ୍ଚଳରେ ନିର୍ମାଣାଧୀନ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ ସନ୍ଧାନ କାର୍ଯ୍ୟ ଜୋରଦାର କରାଯାଇଛି । ନେପାଳର ନିରପେକ୍ଷ ଶକ୍ତି ଉତ୍ପାଦକ ସଂଘର ସୂଚନା ଅନୁଯାୟୀ, ୧୧ଟି ଜଳବିଦ୍ୟୁତ୍ ପ୍ରକଳ୍ପରେ ନିୟୋଜିତ ୯୧୯ ଜଣ ଲୋକଙ୍କ ସହ ଗତ ସନ୍ଧ୍ୟାଠାରୁ କୌଣସି ଯୋଗାଯୋଗ ହୋଇପାରୁ ନାହିଁ । କେତୋଟି ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟରୁ ସଫଳ ଭାବେ ଲୋକମାନଙ୍କୁ ଜୀବିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ଉପର ତ୍ରିଶୂଳୀରୁ ୨ ଜଣ ନେପାଳୀ ନାଗରିକଙ୍କୁ ଏବଂ ତ୍ରିଶୂଳୀ-୧ ପ୍ରକଳ୍ପରୁ ଜଣେ ଚୀନ ନାଗରିକଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ଦିଆଯାଇଛି । ଏହି ଭୟଙ୍କର ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ନିର୍ମନ୍ତ ନେପାଳରେ ଆଜି ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରାଯାଉଛି । ସୂଚନାଯୋଗ୍ୟ, ଗତମାସ ୨୬ ତାରିଖରେ ବରଫ ଚଟାଣ ଧସିଯିବା ଫଳରେ ଭୟଙ୍କର ବନ୍ୟାରେ ନେପାଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।

---

# ପୋଷଣ ମାସ

ନବମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ ଆସନ୍ତା ବୁଧବାର ଦିନ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ବାରଣାସୀଠାରେ ଆରମ୍ଭ ହେବ । ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ Two Point O ଅଧୀନରେ ପରିବର୍ତ୍ତିତ ଅତିରିକ୍ତ ପୋଷଣ କାର୍ଯ୍ୟକ୍ରମ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ

କରିବା ନିମନ୍ତେ ପୋଷଣ ମାସରେ ଗୁରୁତ୍ୱ ଦିଆଯିବ । ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଥମଥର ପାଇଁ ଗରମ ରନ୍ଧା ଖାଦ୍ୟ ଓ ପୋଷଣ କାର୍ଯ୍ୟକ୍ରମ ମେନୁ ମାଧ୍ୟମରେ ପଦକ୍ଷେପ ନିଆଯିବ । ପୋଷଣ ମାସ ୨୦୨୬ ପାଞ୍ଚଟି ପ୍ରମୁଖ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବ । ଏଥିରେ ଆହାରରେ ବିବିଧତା ଏବଂ ପର୍ଯ୍ୟାପ୍ତ ପ୍ରୋଟିନ୍, ଅଙ୍ଗନବାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟ, ସାମୂହିକ ଭାଗିଦାରିତା ଓ ଉତ୍ତରଦାୟିତ୍ୱ ତଥା ଶିଶୁମାନଙ୍କ ବିକାଶ ଲାଗି ପୋଷଣ, ପ୍ରାରମ୍ଭିକ ପ୍ରୋତ୍ସାହନ ଓ ଶିକ୍ଷା ସାମିଲ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଅଭିଯାନକୁ ସଫଳ କରିବା ପାଇଁ ୨୦୧୮ ମସିହାରେ ପୋଷଣ ଅଭିଯାନ ଆରମ୍ଭ କରାଯାଇଥିଲା । ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ପୋଷଣ ମାସ ଏବେ ଜନଆନ୍ଦୋଳନର ରୂପ ନେଇଛି ।

ଏହି ଅଭିଯାନ ଜରିଆରେ ମହିଳା, ଶିଶୁ ଏବଂ କିଶୋରମାନଙ୍କ ପୋଷଣ, ସ୍ୱାସ୍ଥ୍ୟ ତଥା ଯତ୍ନ ସହ ସଂପର୍କିତ ସୁ-ଅଭ୍ୟାସକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଚଳିତବର୍ଷ ପୋଷଣ ମାସର ବାର୍ତ୍ତା ରହିଛି "ଆମ ଅଙ୍ଗନବାଡ଼ି-ଆମ ଦାୟିତ୍ୱ" ।

---

## କଏନ୍ସ ସିଜ୍ଡ

ସୀମା ଶୁଳ୍କ ଅଧିକାରୀ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରୁ ୨ ଜଣ ଯାତ୍ରୀଙ୍କଠାରୁ ୪୮୪ଟି ରୁପା ଏବଂ ଗୋଟିଏ ସ୍ୱର୍ଣ୍ଣ ମୁଦ୍ରା ଜବତ କରିଛନ୍ତି । ସେହି ରୁପାମୁଦ୍ରାଗୁଡ଼ିକ ମଧ୍ୟରେ ୧୩୪ଟି ପ୍ରତ୍ନତାତ୍ତ୍ୱିକ

ଗୁରୁତ୍ୱ ବହନ କରୁଥିବା ମୁଦ୍ରା ରହିଛି । ସୂଚନା ଅନୁଯାୟୀ ଚଳିତ ମାସ ୨ ତାରିଖରେ ଦୋହାରୁ ଆସିଥିବା ଏକ ବିମାନ ନୂଆଦିଲ୍ଲୀରେ ପହଞ୍ଚିବା ପରେ ସୀମା ଶୁଳ୍କ ଅଧିକାରୀମାନେ ୨ ଜଣ ଯାତ୍ରୀଙ୍କୁ ଅଟକାଇ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ । ସେମାନଙ୍କଠାରୁ ୨୦ କିଲୋଗ୍ରାମ୍‌ରୁ ଅଧିକ ସୁନା ଓ ରୁପା ମୁଦ୍ରା ଜବତ କରାଯାଇଥିଲା । ତେବେ ସେହି ମୁଦ୍ରାଗୁଡ଼ିକ ପାଇଁ କୌଣସି ରସିଦ୍ କିମ୍ବା ଘୋଷଣାପତ୍ର ସଂପୃକ୍ତ ଯାତ୍ରୀ ୨ ଜଣ ଦେଖାଇ ପାରିନଥିଲେ । ସାଂପ୍ରତିକ ବଜାରରେ ଜବତ ହୋଇଥିବା ରୁପା ଓ ସୁନାମୁଦ୍ରାର ମୂଲ୍ୟ ପ୍ରାୟ ୪୭ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଏହି ଘଟଣାର ତଦନ୍ତ ଜାରି ରହିଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ତ୍ୱରିତ ଓ ସୁଲଭ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରରେ ଲୋକଅଦାଲତ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

# ପ୍ରେଜ୍ ଡୁରାଣ୍ଟ କପ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର କପ୍ ବିଜେତା ଇଷ୍ଟ ବେଙ୍ଗଲ୍ ଫୁଲ୍‌ବଲ ଦଳକୁ ପ୍ରେସିଡେଣ୍ଟ କପ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଡୁରାଣ୍ଡ ଫୁଟ୍‌ବଲ ସୋସାଇଟିର ଅଧ୍ୟକ୍ଷ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି ଓ ଅନ୍ୟମାନେ ଉପସ୍ଥିତ ଥିଲେ ।